ସମ୍ବାଦ

## ଘଟଗାଁ ଆସୁଥିବା ପର୍ଯ୍ୟଟକଙ୍କୁ ମିଳିବ ଆଉଏକ ସୁବିଧା

# ଜଙ୍ଗଲ ସଫାରିରେ ଗୁଣ୍ଡିଚାଘାଗି ସାମିଲ

ଘଟଗାଁ, ୨୯/୧୧(ଇମିସ): ଅଟେଇ ଜଙ୍ଗଲ ସଫାରିର ସଫଳତା ପରେ ବନ ବିଭାଗ ଏଥିରେ ଗୁଣ୍ଡିଚାଘାଗିକୁ ସାମିଲ କରିବାକୁ ଯୋଜନା କରିଛି। ଘଟଗାଁ ବନାଞ୍ଚଳ ତରଫରୁ ପର୍ଯ୍ୟଟକମାନଙ୍କ ପାଇଁ ଡିସେମ୍ବର ପ୍ରଥମ ସପ୍ତାହରୁ ଗୁଣ୍ଡିଚାଘାଗିରେ ଆରମ୍ଭ ହେବ ଜଙ୍ଗଲ ସଫାରି। ମା'ତାରିଣୀ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଏବେ ସୁବିଧାରେ ଏହି ଜଳପ୍ରପାତ ବୁଲିବାର ମଜା ନେଇପାରିବେ।

ଘଟଗାଁ ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁଙ୍କ ସୂଚନା ଅନୁସାରେ, କେନ୍ଦୁଝର ଡିଏଫ୍ଓ ଏଚ୍‌ଡି ଧନରାଜ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ମା' ତାରିଣୀ ମନ୍ଦିରଠାରୁ ୧୦ କିଲୋମିଟର ଦୂରରେ ରହିଛି ଗୁଣ୍ଡିଚାଘାଗି। ଏଠାକୁ ସିଧାସଳଖ ଯୋଗାଯୋଗ ବ୍ୟବସ୍ଥା ନଥିଲା। ପର୍ଯ୍ୟଟକମାନେ କେବଳ ବ୍ୟକ୍ତିଗତ ଗାଡ଼ିରେ ଏହି ସ୍ଥାନକୁ ଯାଇ ବୁଲିବାର ସୁଯୋଗ ପାଉଥିଲେ। ବସ୍ କିମ୍ବା ଟ୍ରେନ୍‌ରେ ଆସୁଥିବା ପର୍ଯ୍ୟଟକମାନେ ଗୁଣ୍ଡିଚାଘାଗି ଦେଖିବାର ସୁଯୋଗ ପାଉନଥିଲେ। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଚଳିତବର୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ଜଙ୍ଗଲ ସଫାରିକୁ ଆଉ ପାଦେ ଆଗେଇ ନେବାକୁ ପ୍ରୟାସ କରିଛି। ଡିସେମ୍ବର ପ୍ରଥମ ସପ୍ତାହରେ ଜଙ୍ଗଲ ସଫାରି ଗାଡ଼ି ଗୁଣ୍ଡିଚାଘାଗିକୁ ଗଡ଼ିବ। ପର୍ଯ୍ୟଟକଙ୍କୁ ଏକଘଣ୍ଟା ବୁଲିବାପାଇଁ ସମୟ ମିଳିବ। ଟିକେଟର ମୂଲ୍ୟ କମ୍ ରଖାଯିବ ବୋଲି ବନ ବିଭାଗ ତରଫରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ଜାନୁଆରି ୨ତାରିଖରେ ଅଟେଇ ସଂରକ୍ଷିତ ଜଙ୍ଗଲ ସଫାରି ଆରମ୍ଭ ହୋଇଥିଲା। ଏହି ପରୀକ୍ଷାମୂଳକ ପ୍ରକଳ୍ପ ବନ ବିଭାଗ ପାଇଁ ବେଶ୍ ଲାଭଦାୟକ ହୋଇଛି। ପର୍ଯ୍ୟଟକମାନେ ଘଟଗାଁରୁ ଦରଗୁଡ଼ିଶିଳା ପର୍ଯ୍ୟନ୍ତ ଯାଇ ଏହାର ଭରପୂର ମଜା ଉଠଉଛନ୍ତି।





## ଘଟଗାଁ ବନାଞ୍ଚଳ ତରଫରୁ ଚାଲିଛି ବ୍ୟାପକ ପ୍ରସ୍ତୁତି

# ଜଙ୍ଗଲ ସଫାରୀରେ ଗୁଣ୍ଡିଚା ଘାଗୀ ବୁଲିବେ ପର୍ଯ୍ୟଟକ



ଘଟଗାଁ,୧।୧୨(ଆପ୍ର): ମା’ ତାରିଣୀଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ପର୍ଯ୍ୟଟକ କେନ୍ଦୁଝର ଜିଲ୍ଲା ପ୍ରସିଦ୍ଧ ଜଳପ୍ରପାତ ଗୁଣ୍ଡିଚାଘାଗୀ

### ମୁଖ୍ୟମନ୍ତ୍ରୀଙ୍କ ଘଟଗାଁ ଗସ୍ତ ପୂର୍ବରୁ ହେବ ଶୁଭାରମ୍ଭ

ବୁଲି ଦେଖିବା ପାଇଁ ଜଙ୍ଗଲ ସଫାରୀର ବ୍ୟବସ୍ଥା କରିଛି ଘଟଗାଁ ବନବିଭାଗ। ଏନେଇ ପ୍ରୟାସ ଜାରି ରହିଛି। ତାରିଣୀ ମନ୍ଦିର ନିକଟରୁ ଲାଗିଥିବା ଅଟେଇ ଜଙ୍ଗଲ ବୁଲିବା ପାଇଁ ପୂର୍ବରୁ ଜଙ୍ଗଲ ସଫାରୀ ବ୍ୟବସ୍ଥା କରାଯାଇଥିଲା। ପ୍ରତିଦିନ ଏହାର ମଜା ନେଉଛନ୍ତି ପର୍ଯ୍ୟଟକ। ଚଳିତ ଥର ଆଉ ଏକ ପଦକ୍ଷେପ ନେଇଛି ବନବିଭାଗ। ଜଙ୍ଗଲ ସଫାରୀରେ ଯାଇ ମା’ ତାରିଣୀଙ୍କ ମନ୍ଦିରଠୁ ୧୨ କିଲୋମିଟର ଦୂର ମନୋରମ ପରିବେଶ, ଜଙ୍ଗଲ ଘେରା ଅଞ୍ଚଳରେ ଥିବା ଜଳ ପ୍ରପାତ ଗୁଣ୍ଡିଚା ଘାଗି ବୁଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ବଣ ଭୋଜି ପାଇଁ ପିଣ୍ଡିର ବ୍ୟବସ୍ଥା ହୋଇଛି। ତେବେ କିଛି ଦିନ ତଳେ ଜଙ୍ଗଲ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମରେ ଉପସ୍ଥିତ ବୁଦ୍ଧିଜୀବି ଏନେଇ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଘଟଗାଁ ରେଞ୍ଜର ସରୋଜ କୁମାର ମିଶ୍ର ଓ ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁ ସମର୍ଥନ କରିଥିଲେ। କେନ୍ଦୁଝର ଡିଏଫଓ ଏଚଡି ଧନରାଜଙ୍କ ମଂଜୁର କରିଥିଲେ। ଏନେଇ ଘଟଗାଁ ଫରେଷ୍ଟର ଯତୀନ୍ଦ୍ର କୁମାର ସାହୁ କୁହନ୍ତି, ପ୍ରସ୍ତୁତି ଚାଲିଛି। ମା ତାରିଣୀଙ୍କ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିବାକୁ ଆସନ୍ତା ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେବେ। ଏହା ପୂର୍ବରୁ ଗୁଣ୍ଡିଚା ଘାଗୀ ଜଳ ପ୍ରପାତ ବୁଲିବାକୁ ଯିବା ପାଇଁ ଜଙ୍ଗଲ ସଫାରୀର ଶୁଭାରମ୍ଭ ହେବ। ତେବେ ପୂର୍ବରୁ ଅଟେଇ ଜଙ୍ଗଲ ବୁଲିବା ପାଇଁ ୨୦୦ ଟଙ୍କା ଟିକେଟର ମୂଲ୍ୟ ଥିଲା। ଗୁଣ୍ଡିଚା ଘାଗି ଜଙ୍ଗଲ ସଫାରୀର ଟିକେଟ ମୂଲ୍ୟ ଏ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇନି। ଶୁଭାରମ୍ଭ ଦିନ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି ଫରେଷ୍ଟର ଶ୍ରୀ ସାହୁ। ଏନେଇ ପର୍ଯ୍ୟଟକ ତଥା ଘଟଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।